# ଦୁଇ ଦିନିଆ ରାଷ୍ଟ୍ରୀୟ ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ





ନୂଆଦିଲ୍ଲୀ, ୩୦।୫(ସମିସ): ସାହିତ୍ୟ ଏକାଡେମୀ ଓ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇ ଦିନିଆ ସାହିତ୍ୟ ସମ୍ମିଳନୀ ଉଦଯାପିତ ହୋଇଛି। ଗତକାଲି ସମ୍ମିଳନୀକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦଘାଟନ କରିଥିଲେ ଓ ବିଶିଷ୍ଟ ଅତିଥି ଭାବରେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଯୋଗ ଦେଇଥିଲେ। ସଂସ୍କୃତି ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ ଓ ଅର୍ଥ ପରାମର୍ଶଦାତା ରଞ୍ଜନା ଚୋପ୍ରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଉଦଘାଟନୀ ଅଧିବେଶନ ପରେ ପ୍ରସିଦ୍ଧ ଉର୍ଦ୍ଦୁ କବି ଶୀନ କାଫ୍ ନିଜାମଙ୍କ ଅଧ୍ୟକ୍ଷତାରେ ଏକ କବି ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ ସାହିତ୍ୟ ଏକାଡେମୀର ଅଧ୍ୟକ୍ଷ ମାଧବ କୌଶିକ ବିଶିଷ୍ଟ ଅତିଥି ଭାବରେ ଉପସ୍ଥିତ ଥିଲେ। ଆରମ୍ଭରେ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ କବିମାନଙ୍କୁ ସ୍ୱାଗତ କରିଥିଲେ ଓ ରାଷ୍ଟ୍ରପତିଙ୍କୁ ସମ୍ମିଳନୀ ଦ୍ୱାରା ପ୍ରକାଶିତ ପୁସ୍ତକ ସମ୍ପର୍କରେ ଅବଗତ କରିଥିଲେ।

ସେହିପରି ଉଦଯାପନୀ ଦିବସରେ ଆଜି 'କେତେ ପରିବର୍ତ୍ତିତ ହୋଇଛି ସାହିତ୍ୟ' ଶୀର୍ଷକରେ ତିନିଟି ଅଧିବେଶନରେ ବ୍ୟାପକ ଆଲୋଚନା ହୋଇଥିଲା। 'ଭାରତର ନାରୀବାଦୀ ସାହିତ୍ୟ: ନୂତନ ଆଧାର' ଶୀର୍ଷକ ଅଧିବେଶନରେ ଖ୍ୟାତନାମା ଓଡ଼ିଆ ଲେଖିକା ପ୍ରତିଭା ରାୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନୁଜା ଚନ୍ଦ୍ରମୌଳି, ମହୁଆ ମାଝୀ, ନିଧି କୁଲପତି, ପ୍ରୀତି ସେନାୟ ଏବଂ ତାମିଳଚି ଥଙ୍ଗପାଣ୍ଡିଆନ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। 'ସାହିତ୍ୟରେ ପରିବର୍ତ୍ତନ ବନାମ ପରିବର୍ତ୍ତନର ସାହିତ୍ୟ' ଶୀର୍ଷକ ଅଧିବେଶନ ସାହିତ୍ୟ ଏକାଡେମୀର ଉପାଧ୍ୟକ୍ଷ କୁମୁଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଗିରିଶ୍ୱର ମିଶ୍ର, ମମତା କାଳିଆ, ରଶ୍ମି ନରଜାରୀ, ରୀତା କୋଠାରୀ ଏବଂ ଯତୀନ୍ଦ୍ର ମିଶ୍ର ନିଜ ନିଜ ବିଚାର ଉପସ୍ଥାପନ କରିଥିଲେ। ସମ୍ମିଳନୀର ଚତୁର୍ଥ ଅଧିବେଶନର ଆଲୋଚ୍ୟ ବିଷୟ ଥିଲା 'ବିଶ୍ୱ ଦୃଷ୍ଟିରେ ଭାରତୀୟ ସାହିତ୍ୟର ନୂତନ ଦିଗ'। ଏଥିରେ ଅଧ୍ୟକ୍ଷତା କରିଥିଲେ ଅଭୟ ମୌର୍ଯ୍ୟ। ଆଲୋଚନା ଶେଷରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ ନାରୀ ସାହିତ୍ୟର ସମୃଦ୍ଧି ଦିଗରେ ଏକାଡେମୀର କାର୍ଯ୍ୟ ଯୋଜନା ଉପରେ ଆଲୋକପାତ କରିଥିଲେ।